# ଜିଲ୍ଲାରେ ଭୂତଳ ଜଳସ୍ତର ସ୍ଥିତି ଉଦ୍‌ବେଗଜନକ

ବାଲେଶ୍ୱର, ୬।୪(ସମିସ):

ବାଲେଶ୍ୱର ଜିଲ୍ଲାର ନଳକୂପ ଖନନ ଉପରେ ରହୁ ନାହିଁ କଟକଣା। ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଜଳାଶୟଗୁଡିକୁ ବେଆଇନ ଭାବେ ପୋତା ଯାଉଛି। ଫଳରେ ଏହି ଜିଲ୍ଲାର ବିଭିନ୍ନ ବ୍ଲକରେ କ୍ରମଶଃ ହ୍ରାସ ପାଉଛି ଭୂତଳ ଜଳସ୍ତର। ଆଗାମୀ କିଛି ବର୍ଷ ପରେ ଜିଲ୍ଲାର ଭୂତଳ ଜଳ ସଙ୍କଟ ଦେଖାଦେବାକୁ ନେଇ ସଚେତନ ନାଗରିକ ମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଉଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି)ର ତଥ୍ୟାନୁସାରେ ବିଗତ ଦଶ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଅଧିକାଂଶ ବ୍ଲକରେ ଭୂତଳ ଜଳସ୍ତର ପ୍ରାୟ ଆଠ ରୁ ଦଶ ମିଟର ନିମ୍ନଗାମୀ ହୋଇଛି। ଯଦିବା ଏହି ଜିଲ୍ଲା ସମୁଦ୍ର ଉପକୂଳରେ ଅବସ୍ଥିତ ତଥାପି ଜିଲ୍ଲାର ଉପକୂଳବର୍ତ୍ତି ଅଞ୍ଚଳକୁ ବାଦ ଦେଇ ଅନ୍ୟାନ୍ୟ ସବୁ ଅଞ୍ଚଳରେ ଭୂତଳ ଜଳସ୍ତର ସ୍ଥିତି ଉଦବେଗ ଜନକ ରହିଛି।



ଆରଡବ୍ଲୁଏସଏସ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି, ଏହି ଜିଲ୍ଲାର ବିଭିନ୍ନ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୫୯୪୭ଟି ନଳକୂପ ରହିଛି। ଭୂତଳ ଜଳସ୍ତର ହ୍ରାସ ପାଇବା କାରଣରୁ ଗ୍ରୀଷ୍ମ ଦିନରେ ଏହି ନଳକୂପ ଗୁଡିକ ମଧ୍ୟରୁ କୋଡିଏ ପ୍ରତିଶତ ନଳକୂପ ଅଚଳ ହେଇଯାଇଛି। ଜିଲ୍ଲାରେ ଖୁବ କମ କଳ କାରଖାନା ରହିଥିଲେ ବି, ଭୂତଳ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ବୋରୱେଲ ଉପରେ କୌଣସି କଟକଣା ରଖାଯାଇନି। ବିଶେଷ କରି ଚାଷ କାମ ଓ ପାନୀୟ ଜଳ ପାଇଁ ସରକାର ବୋରୱେଲ ଖନନର ବ୍ୟବସ୍ଥା ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ପାନୀୟ ଜଳ ପାଇଁ ଏହି ଜିଲ୍ଲାରେ ମୋଟ ୮୩୧ଟି ବୋରୱେଲ ଖୋଳା ଯାଇଛି। ଆଗାମୀ ଦିନରେ ପୁଣି ନୀଳଗିରି, ଭୋଗରାଇ, ବସ୍ତା, ବାଲେଶ୍ୱର ସଦର, ରେମୁଣା ଓ ସିମୁଳିଆ ବ୍ଲକରେ ୮ଶହ କୋଟି ଟଙ୍କା ଉର୍ଦ୍ଧ ମେଗା ପାଇପ ୱାଟର ସପ୍ଲାଇ ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ଅନେକ ବୋରୱେଲ ଖନନ କରାଯିବ। ଫଳରେ ଭୂତଳ ଜଳ ସ୍ତର ଆଗାମୀ ଦିନରେ ଆହୁରି ତଳକୁ ଖସି ଯିବାର ଆଶଙ୍କା ରହିଛି। ଏତଦବ୍ୟତୀତ ଚାଷ ପାଇଁ ବାଲେଶ୍ୱର ଡିଭିଜନରେ ବର୍ତ୍ତମାନ ୧୮୫୧ ଟି ଉଠା ଜଳ ସେଚନ (ଲିଫ୍ଟ ଇରିଗେସନ) ପ୍ରକଳ୍ପ ରହିଛି। ଏହା ମଧ୍ୟରୁ ୧୫୫୪ଟି ପ୍ରକଳ୍ପ ଏବେ କାମ କରୁଥିବା ଜଣାଯାଇଛି। ଏହାବାଦ ଚାଷ ପାଇଁ ଘରୋଇ ଭାବେ ୨୫ଶହରୁ ଉର୍ଦ୍ଧ ନଳକୂପ ରହିଛି। ଅପରପକ୍ଷରେ ଭୂତଳ ଜଳସ୍ତର ହ୍ରାସ ପାଇବାର ଅନ୍ୟ ଏକ ମୁଖ୍ୟ କାରଣ ହେଉଛି, ବେଆଇନ ଭାବେ ଜଳାଶୟ ଗୁଡିକୁ ପୋତି ଦିଆଯାଉଛି। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବହୁ ପୁରାତନ ଜଳାଶୟ ଗୁଡିକୁ ପୋତି ଦିଆଯାଇ ସେହି ସ୍ଥାନରେ ଗୃହ ନିର୍ମାଣ କରାଯାଉଛି। ଫଳରେ ବର୍ଷା ଜଳ ମାଟି ଭିତରକୁ ଯାଇ ନପାରି ଅଯଥାରେ ଅପଚୟ ହେଉଛି। ଏବେ ଠାରୁ ଏଥିପ୍ରତି ସଚେତନ ନ ରହିଲେ ଆଗାମୀ ଦିନରେ ଭୂତଳ ଜଳକୁ ନେଇ ଏହି ଜିଲ୍ଲାରେ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ସଚେତନ ନାଗରିକମାନେ କହିଛନ୍ତି। ପରିବେଶବିତ ପ୍ରଶାନ୍ତ କୁମାର ପାଢ଼ୀଙ୍କ କହିବାନୁଯାୟୀ ଜିଲ୍ଲାର ଚାରିଆଡେ କଂକ୍ରିଟ ନିର୍ମାଣ କରାଯିବା ଯୋଗୁ ବର୍ଷା ଜଳ ମାଟି ଭିତରକୁ ଯାଇ ପାରୁନି। ପୁଣି ବେଆଇନ ଭାବେ ଲୋକ ମାନେ ଜଳାଶୟ ଗୁଡିକୁ ପୋତି ଦେବା ସହିତ ସହସ୍ରାଧିକ ବୋରୱେଲ ଓ ନଳ କୂପ ଖନନ କରା ଯାଉଥିବା ଯୋଗୁ ଭୂତଳ ଜଳ ବାଲେଶ୍ୱର ଜିଲ୍ଲାରେ ହ୍ରାସ ପାଇବାରେ ଲାଗିଛି।

## ବାଇକ ଚୋରକୁ ଧରି ପୁଲିସ ଜିମାଦେଲେ ଲୋକେ

ସୋର, ୬।୪(ସମିସ): ସୋର ପୌରପାଳିକା ଅନ୍ତର୍ଗତ ବଡଖୁରୀ ଛକ ନିକଟରୁ ଜଣେ ବାଇକଚୋରକୁ ଧରି ସ୍ଥାନୀୟ ଲୋକେ ସୋର ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ଗତକାଲି ଷ୍ଟେସନଛକ ନିକଟରେ ଥିବା ସୁଶାନ୍ତ ପୃଷ୍ଟିଙ୍କ ଲୁଗାଦୋକାନ ଆଗରେ ନିଜର ବାଇକ ରଖିଥିଲେ। ପରେ ତାଙ୍କର ବାଇକଟି ଦୋକାନ ଆଗରୁ କେହି ଜଣେ ଚୋରି କରି ନେଇ ଫେରାର ହୋଇଯାଇଥିଲା। ଏ ବାବଦରେ ବାଇକର ମାଲିକ ସୁଶାନ୍ତ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଜି ସଂଧ୍ୟା ସମୟରେ ଜଣେ ଯୁବକ ବାଇକଟିକୁ ବଡଖୁରୀ ଛକକୁ ବିକ୍ରୀ କରିବାକୁ ଆଣିଥିଲେ। ତେବେ ବାଇକକୁ ଦେଖି ସ୍ଥାନୀୟ ଲୋକଙ୍କର ସନ୍ଦେହ ହେବାରୁ ତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ଏହାରି ମଧ୍ୟରେ ବାଇକ ମାଲିକଙ୍କ ନିକଟରେ ଖବର ପହଞ୍ଚିବା ପରେ ବାଇକ ମାଲିକ ସୁଶାନ୍ତ ଘଟଣା ସ୍ଥଳରେ ପହଞ୍ଚି ବାଇକଟିକୁ ଚିହ୍ନଟ କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରକୁ ଥାନାରେ ଅଟକ ରଖିବା ସହିତ ବାଇକ ଟିକୁ ଉଦ୍ଧାର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ




ବାଲେଶ୍ୱର, ୬।୪(ସମିସ): ସଦର ବିଜେପି କାର୍ଯ୍ୟାଳୟରେ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ଅଧ୍ୟକ୍ଷତାରେ ଭାରତୀୟ ଜନତା ପାର୍ଟିର ୪୫ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ସ୍ଥାନୀୟ କାର୍ଯ୍ୟାଳୟରେ ପ୍ରଥମେ ଦଳର ପତାକା ଉତ୍ତୋଳନ କରାଯାଇଥିଲା। ଶ୍ରୀ ଦତ୍ତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପିର ପ୍ରତିଷ୍ଠା ଦିବସ ଅବସରରେ ଶୁଭକାମନା ଜଣାଇବା ସହ ଅକ୍ଲାନ୍ତ ପରିଶ୍ରମ ଏବଂ ନିଷ୍ଠାର ସହ କାମ କରି ଦଳକୁ ଆଜି ବିଶାଳ ବଟବୃକ୍ଷରେ ପରିଣତ କରିଥିବା ସମସ୍ତ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରବାଦୀ ବିଚାରଧାରା, ଅନ୍ତ୍ୟୋଦୟର ସିଦ୍ଧାନ୍ତ ଏବଂ ମୋଦିଜୀଙ୍କ ନେତୃତ୍ୱରେ ଦେଶକୁ ଆତ୍ମନିର୍ଭର କରିବା ପାଇଁ ନିରନ୍ତର ପ୍ରୟାସରତ ବୋଲି ଉଲ୍ଲେଖ କରିଥିଲେ। ପରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତରୁ ପଥଚାରୀଙ୍କୁ ତ୍ରାହି ଦେବା ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜଳଛତ୍ର ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଆଶିଷ ବାନାର୍ଜୀ, ଗୌରୀ ସାହୁ, ଚନ୍ଦ୍ରଭାନୁ ଦାସ, ମିହିର ବାରିକ, ସୁଶାନ୍ତ ବର୍ଦ୍ଧନ, ତ୍ରୈଲୋଚନ ଦାସ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ ଓ ଲୋକନାଥ ଭୂୟାଁ, ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ, ଅନନ୍ତ ନାୟକ, ସୁଜିତ ଦେବ, ଯୋଗେନ ରଣା, ରବିନାରାୟଣ ପ୍ରଧାନ, ଅଞ୍ଜନ ପରିଡ଼ା, ନାରାୟଣ ଦତ୍ତ, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ବଳରାମ ପାତ୍ର, ବସନ୍ତ ନାୟକ, ମନ୍ମଥ ପାତ୍ର, କାର୍ତ୍ତିକ ନାଥ, ସସ୍ମିତା ଦାଶ, ନସିମା ବିବି, ବିଳାସିନୀ ଦାସ, ଧୀରଜ ମହାନ୍ତି, ରଞ୍ଜନ ଦାସ, ସୌଭାଗ୍ୟ ମାନସ ନାୟକ, ପ୍ରହ୍ଲାଦ ଦାସ, ପ୍ରମୋଦ ଦାଶ, ଜିତେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଚଣ୍ଡ ଖରା ଯୋଗୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରୋଗୀ ପଞ୍ଜୀକରଣ କେନ୍ଦ୍ର ସମ୍ମୁଖ ଖାଁ ଖାଁ

## ସେଣ୍ଟ୍ ଜାଭିୟର୍ସ ବସ୍ତା ସ୍କୁଲର ବାର୍ଷିକ ଉତ୍ସବ




ବସ୍ତା ବ୍ଲକ, ୬।୪ (ସମିସ): ଛାତ୍ର ଜୀବନର ମାନେ ହେଉଛି ଶିକ୍ଷା ଗ୍ରହଣ। ଏକାଗ୍ରତାର ସହ ଶିକ୍ଷା ଗ୍ରହଣ କଲେ ଛାତ୍ରଟିଏ ତା'ର ଜୀବନକୁ ସୁନ୍ଦର ଭାବେ ଗଢିଥାଏ ଓ ବାପା ମା'ଙ୍କ ସ୍ୱପ୍ନକୁ ସାକାର କରିଥାଏ ବୋଲି ଶୁକ୍ରବାର ବସ୍ତା ବ୍ଲକ ରୋଡ ସ୍ଥିତ ଅଗ୍ରଣୀ ଶିକ୍ଷା କେନ୍ଦ୍ର ସେଣ୍ଟ ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷ ବଳରାମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲର ଚେୟାରମେନ ରବୀନ୍ଦ୍ର କୁମାର ଜୈନ, ମୁଖ୍ୟବକ୍ତା ଭାବେ ସ୍କୁଲର ସମ୍ପାଦକ ବସନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ରତ୍ନାକର ପଣ୍ଡା, ସାମ୍ବାଦିକ ଦୀପକ କୁମାର ପରିଡ଼ା, ଯୁବ ପ୍ରତିଷ୍ଠିତ ବ୍ୟବସାୟୀ ଅଶୋକ କୁମାର ଗୁପ୍ତା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବୈରାଗୀ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥଲେ। ସ୍କୁଲର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଧୃତି ସୁନ୍ଦର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟି ସଦସ୍ୟ ଅନିଲ କୁମାର ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇ ଥିବା ବେଳେ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ଚିନ୍ମୟ ମହାନ୍ତି, ଖକନ ଗିରି, ପ୍ରମୋଦ ଜେନା, ଡାଇନା ବେହେରା, ସସ୍ମିତା ଘୋଷ, ଭଗ୍ୟଶ୍ରୀ ପଣ୍ଡା, ଜ୍ୟୋତିରେଖା ଭୋଳ ଓ ପରିଚାରିକା ଗୀତାରାଣୀ ଭୋଳ କାର୍ଯ୍ୟକ୍ରମ କୁ ପରିଚାଳନା କରିଥଲେ।

## ୟୁଟ୍ୟୁବ୍ ଦେଖାଇଛି ରୋଜଗାରର ବାଟ



ସଫଳ ଛତୁ ଚାଷୀ ଶିବାଜୀ

ବାଲେଶ୍ୱର ଦକ୍ଷିଣ, ୬।୪ (ସମିସ): ୟୁଟ୍ୟୁବ ଦେଖାଇଛି ରୋଜଗାରର ବାଟ। ନିଜ ଜମିରେ ପାଳ ଛତୁ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଜଣେ ଯୁବକ। ଏହି ସଫଳ ଯୁବ ପ୍ରତିଭା ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କଳାଶୁଣି ଗ୍ରାମର ଦିବାକର ନାୟକଙ୍କ ପୁତ୍ର ଶିବାଜୀ ନାୟକ(୨୪)। ଆଜକୁ ୧୦ବର୍ଷ ଧରି ନିଜ ଚାଷ ଜମିରେ ପାଳଛତୁ ଚାଷ କରି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି ଏହି ଯୁବକ। ପ୍ରଥମେ ସ୍ୱଳ୍ପ ବିନିଯୋଗରେ ଶିବାଜୀଙ୍କ ପିତା ଦିବାକର ଏହି ଛତୁ ଚାଷ ଆରମ୍ଭ କରିଥିଲେ। ପରେ ଶିବାଜୀ ବାଣିଜ୍ୟ ବିଭାଗର +୨ ପାସ କରି ଛତୁ ଚାଷ କରି ଅଧିକ ରୋଜଗାର କରିବା ପାଇଁ ୟୁଟ୍ୟୁବରୁ ଏକ ବଡ଼ ମାଧ୍ୟମ ଜାଣିବାକୁ ପାଇଥିଲେ। ଆଜକୁ ୭ ବର୍ଷ ହେବ ସପ୍ତାହରେ ଏକ ହଜାର ବେଡ଼ ପକାଇ ଛତୁ ଚାଷ କରି ବେଶ ଭଲ ରୋଜଗାର କରି ଆସୁଛନ୍ତି। ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବେପାରୀ ମାନେ ଆସି ଶିବାଜୀଙ୍କ ଘରୁ ଛତୁ ନେଇଯାଉଥିବା ବେଳେ ବଜାର ତୁଳନାରେ କମ ମୂଲ୍ୟରେ ବିକ୍ରି କରୁଥିବା କହିଛନ୍ତି। ଏହି ଛତୁରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳାଇବା ସହ ଲାଭାଂଶରୁ ଶିବାଜୀ ଜମି କିଣିଛନ୍ତି। ୫ ଜଣ ଲୋକଙ୍କୁ ରୋଜଗାର ଦେବା ସହ ସପରିବାର ଛତୁ ଚାଷ କାର୍ଯ୍ୟ ରେ ଲାଗିପଡ଼ନ୍ତି। ଗ୍ରାମାଞ୍ଚଳରେ ଶିବାଜୀ ଜଣେ ଛତୁ ଚାଷୀ ଭାବେ ବେଶ ଜଣାଶୁଣା ଚେହେରା ପାଲଟିଛନ୍ତି। ଏ ସମ୍ପର୍କରେ ଶିବାଜୀ କହିଛନ୍ତି ମୁଁ ଏବେ ମାସକୁ ୧ଲକ୍ଷରୁ ଅଧିକ ଆୟ କରୁଛି।

## ଟାଉନ୍ ବିଜେଡି ପକ୍ଷରୁ ସାଂଗଠନିକ ବୈଠକ



ଜଳେଶ୍ୱର ବ୍ଲକ, ୬।୪ (ସମିସ) : ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ଦଳର ସଙ୍ଗଠନକୁ ସଶକ୍ତ କରାଇବା ଲକ୍ଷ୍ୟ ନେଇ ବିଜୁ ଜନତା ଦଳ, ଜଳେଶ୍ୱର ଟାଉନ୍ ତରଫରୁ ବିଧାୟକ ପ୍ରାର୍ଥି ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଶନିବାର ୱାର୍ଡ ନମ୍ବର ୧୩ ନନ୍ଦିକାଠାରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ଉପ ନଗରପାଳଙ୍କ ପ୍ରତିନିଧି ବିଜୟ କୁମାର କମିଲା, ମନ୍ତ୍ରୀ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର, ଯୁବ ସଭାପତି ଆନନ୍ଦ କର, ସମରେନ୍ଦ୍ର ପରିଡ଼ା, ପ୍ରଦୀପ୍ତ କିଶୋର ଦାସ, ରାଧାକୃଷ୍ଣ ଗିରି, ପ୍ରଦୀପ ପାତ୍ର, ବିଶେଶ୍ୱର ପାତ୍ର, ଗୌରାଙ୍ଗ ପାତ୍ର, ପ୍ରଦୀପ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ଅସହାୟ ପରିବାରର କରୁଣ କାହାଣୀ

## ପରିଣତ ବୟସରେ ଦୁଇ ନାତିଙ୍କ ବୋଝ ସମ୍ଭାଳୁଛନ୍ତି ଜେଜେମା'

ବାଲେଶ୍ୱର, (ଉତ୍ତର), ୬।୪(ସମିସ) :

ବାସ୍ତବିକ ମାଆର ସ୍ଥାନ କେହିଜଣେ ନେଇପାରିବ ନାହିଁ। ସବୁ ଦୁଃଖ ଜଞ୍ଜାଳ ପଛରେ ପକାଇ ଅନ୍ୟର ଦୁଃଖକୁ ଆପଣେଇ ନେଇଥାଏ। ନିଜ ପେଟର ଭୋକ କୁ ଚାପି ସନ୍ତାନ ମାନଙ୍କ ପେଟକୁ ମୁଠାଏ ଦାନା ଯୋଗାଡ଼ କରିବାକୁ ପଛେଇ ନ ଥାଏ। ଏଭଳି ଜଣେ‌କା ବୃଦ୍ଧା ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାଁଥିଭଉଁରୀ ଗ୍ରାମର ୭୫ ବର୍ଷୀୟ ପଚି ଭୋଳ। ସ୍ୱାମୀ ଚାଲିଗଲା ପରେ ଏକମାତ୍ର ପୁଅ ବାବୁଲା ମୁହଁକୁ ଚାହିଁ ବାକିତକ ଜୀବନ ଜୀଇବା ପାଇଁ ଭାବି ଥିଲେ। ମାତ୍ର ଦଇବ ସହିଲା ନାହିଁ, ଭେଣ୍ଡିଆ ପୁଅ ବି ହଠାତ ଚାଲିଗଲା। ମାଆ ପାଖରେ ଛାଡ଼ି ଦେଇଗଲା ଦୁଇ କୁନିପୁଅ ଓ ପତ୍ନୀକୁ। ମାଆ ପଚି ଭୋଳ ଦୁଇ ନାତି ଓ ବୋହୂ ନେଇ ସଂଘର୍ଷ କରୁଥିବା ବେଳେ ବୋହୂ ମଧ୍ୟ ଧୋକା ଦେଇ କିଛିଦିନ ପରେ ଦୁଇ ନାବାଳକ ପୁଅ ଛାଡ଼ି କୁଆଡ଼େ ଚାଲିଯାଇଛି। ଏବେ ସବୁ ଦାୟିତ୍ୱ ନେବାକୁ ପଡୁଛି ପଚିଙ୍କୁ। ଦୁଇ ନାତିଙ୍କ ପେଟକୁ ଦୁଇଓଳି ମୁଠାଏ ଖାଇବା ଯୋଗାଡ଼ କରିବା ପାଇଁ ତାଙ୍କୁ ବାର ଦ୍ୱାର ହେବାକୁ ପଡୁଛି।



ପ୍ରକାଶଯେ, ଭୋଗରାଇ ବ୍ଲକ କାଁଥିଭଉଁରୀ ଗ୍ରାମର ବାବୁଲା ଭୋଳ ଜଣେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ସ୍ତ୍ରୀ, ବୃଦ୍ଧା ମା ଓ ଦୁଇ କୁନି ପୁଅ। ମାତ୍ର ଅଦିନିଆ କାଳ ପରି ଦୁଇ ବର୍ଷ ପୂର୍ବରୁ ରାତିରେ ଛୋଟ ପୁଅକୁ ନେଇ ଶୋଇଥିବା ବେଳେ ବାବୁଲାଙ୍କ ହଠାତ ମୃତ୍ୟୁ ହୋଇଯାଇଥିଲା। ସେତେବେଳେ ବାବୁଲାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଏକ ଆବାସ ଯୋଜନାରେ ଘର ମିଳିଥିଲା। ଘର ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ଆଉ କେତଟା ଦିନ ପରେ ଘର ଛାତ ମଧ୍ୟ ପଡ଼ିଥାନ୍ତା, ହେଲେ ବାବୁଲାର ମୃତ୍ୟୁ ପରେ ଅଧାରେ ଅଟକିଲା ଘର କାମ। ମାତ୍ର ଘର କାମ ସମ୍ପୂର୍ଣ କରିବା ସହ କିଛି ରୋଜଗାର କରିବାକୁ ପଡ଼ିବ ବୋଲି କହି ବାବୁଲାର ସ୍ତ୍ରୀ ବୃଦ୍ଧା ଶାଶୁ ପାଖରେ ୨ନାବାଳକ ପିଲାଙ୍କୁ ଛାଡି ଯାଇଛି ଯେ ଯାଇଛି ଆଉ ସେବେଠୁ ଘରକୁ ଫେରିନି। ଏବେ ଘରେ ଏକୁଟିଆ ଜେଜେମା ମାଆ ଦୁଇ ପିଲାଙ୍କୁ ଧରି ମାଗି ଯାଚି କଷ୍ଟେମଷ୍ଟେ ଚଳୁଛନ୍ତି। ଓଳିଏ ଖାଇଲେ ଆର ଓଳିକୁ ଉପାସ ରହିବାକୁ ପଡୁଛି। କେବଳ ଭାତ ଶାଗ ଆଉ ଲୁଣରେ କଟୁଛି ଏମାନଙ୍କ ଦିନ। ଆଜି ଯାଏଁ ବାବୁଲାର ଘର ଅସମ୍ପୂର୍ଣ ରହିଛି, ଘର ଛାତ ପାଇଁ ବାକି ଟଙ୍କା ଫାଇଲ ତଳେ ଚାପି ହୋଇ ରହିଛି। ଯଦି କେହି ସେତିକି କାମ ସମ୍ପୂର୍ଣ କରି ଦିଅନ୍ତି ତେବେ ୩ ପ୍ରାଣୀ ଟିକେ ଶାନ୍ତିରେ ରହି ପାରନ୍ତେ। ସେହିପରି ଘର କାମ ଅସମ୍ପୂର୍ଣ୍ଣ ଥିବାରୁ ଦୁଇ ଛୋଟ ଛୋଟ ପିଲା ଙ୍କୁ ଧରି ପଚି ସେହି ପୁରୁଣା ଭଙ୍ଗା ମାଟି କାନ୍ଥ ଏବଂ ଛିଣ୍ଡା ପଲିଥିନ ତଳେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଟିକିଏ ଜୋର ବର୍ଷା ପବନ ହେଲେ ଦୁଇ ପିଲାଙ୍କୁ ପାଖ ଘରକୁ ପଠାଇ ଦେଇ ନିଜେ ଲୁଗାପଟା, ଜିନିଷ ପତ୍ର ଧରି ସେହି ଜରି ତଳେ ଜାକି ହୋଇ ବସନ୍ତି। ଯେଉଁଠି ପେଟକୁ ଦିମୁଠା ଦାନା ଯୋଗାଡ କରିବା ପାଂଇ ଏମାନଙ୍କୁ ସଙ୍ଘର୍ଷ କରିବାକୁ ପଡୁଛି, ସେଠି ପାଠ ପଢ଼ା କଥା କିଏ ପଚାରେ. ବାପାଙ୍କ ମୃତ୍ୟୁ ଓ ମା ଛାଡି ଯିବା ପରେ ପିଲା ମାନଙ୍କର ପାଠ ପଢ଼ାରେ ଏକ ପ୍ରକାର ଡୋରି ବନ୍ଧା ହୋଇଛି। ବଡ ନାତି ବୁଢ଼ୀ ମା ପାଖେ ରହୁଥିଲା ବେଳେ ସାନ ନାତି ପାଖ ସ୍କୁଲ ଯାଉଛି। ପିଲା ମାନଙ୍କ ଏଭଳି ଅବସ୍ଥା ଦେଖି ସ୍କୁଲର ଶିକ୍ଷକ କତେବେଳେ ଖାତା କଲମ ତ କେତେବେଳେ କପଡ଼ା ଆଣିଦିଅନ୍ତି। ଆଉ ଖାଦ୍ୟ କହିଲେ ଭାତ ସାଙ୍ଗକୁ କେବେ କେମିତି ଆଳୁ କି ଶାଗ ଟିକିଏ ମିଳିଗଲେ ଏମାନଙ୍କ ପାଂଇ ବହୁତ ବଡ କଥା। ଏଭଳି କ୍ଷେତ୍ରରେ ଏହି ଅସହାୟ ବୃଦ୍ଧା ଜଣକ ନାବାଳକ ଦୁଇ ଭାଇ ପାଇଁ ସରକାରୀ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି। ତୁରନ୍ତ ଏଭଳି ଦୟନୀୟ ଅବସ୍ଥାରେ ଥିବା ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହିତ ଯେକୌଣସି ସହୃଦୟ ବ୍ୟକ୍ତି ବିଶେଷ କିମ୍ବା ସାମାଜିକ ସଂଗଠନ ସହାୟତାର ହାତ ବଢ଼ାଇବାକୁ ସ୍ଥାନୀୟ ଗ୍ରାମବାସୀ ପକ୍ଷରୁ ନିବେଦନ କରାଯାଇଛି।

# ଐତିହାସିକ ରୂପଖଣ୍ଡ ପାଣ୍ଡବ ଘାଟରେ ବାରୁଣୀ ମେଳା



ବାହାନଗା, ୬।୪(ସମିସ):

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଆରୁହାବାଡ଼ ପଞ୍ଚାୟତ ରୂପଖଣ୍ଡସ୍ଥିତ ପାଣ୍ଡବ ଘାଟ ବାରୁଣୀ ମେଳା ରାଜ୍ୟ ତଥା ରାଜ୍ୟ ବାହାରେ ଖ୍ୟାତି ଅର୍ଜନ କରିଥିବାବେଳେ ଆଜି ଏହି ବାରୁଣୀ ମେଳା ରୂପଖଣ୍ଡସ୍ଥିତ ବଙ୍ଗୋପସାଗର ପାଣ୍ଡବ ଘାଟ ଠାରେ ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ଏହି ଘାଟରେ ହିଁ ପାଣ୍ଡବ ମାନେ ସ୍ନାନ କରିବା ସହ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଥିଲେ। ସେହିଦିନଠାରୁ ବଙ୍ଗୋପସାଗରର ଏହି ଘାଟକୁ ପାଣ୍ଡବ ଘାଟ ନାମରେ ନାମିତ କରାଯିବା ସହ ବିଭିନ୍ନ ପତ୍ର ପଞ୍ଜିକାରେ ଲିପିବଦ୍ଧ ହୋଇରହିଛି। ଅନ୍ୟପଟେ ଏହି ବାରୁଣୀ ଦିନ ଏହି ଘାଟରେ ସ୍ନାନ ତର୍ପଣ କଲେ ସବୁ ପାପ ଧୋଇ ଯାଇଥାଏ ବୋଲି ପୂର୍ବ ପୁରୁଷଙ୍କ କାଳରୁ ରହି ଆସିଛି। ପୌରାଣିକ ରୀତିନୀତି ଅନୁସାରେ ଏହି ବାରୁଣୀ ସ୍ନାନରେ ଭୋର ସ୍ନାନ କରି ପିତୃପୁରୁଷଙ୍କୁ ଶ୍ରାଦ୍ଧ କଲେ ପିତୃ ପୁରୁଷମାନେ ମୋକ୍ଷ ପ୍ରାପ୍ତି ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ଆଗରୁ ଏହି ବାରୁଣୀ ମେଳା ଗୋଟିଏ ଦିନ ହେଉଥିବା ବେଳେ ଲୋକଙ୍କ ଭିଡକୁ ଦେଖି ଗୋଟିଏ ଦିନ ପରିବର୍ତ୍ତେ ୨ ଦିନ ରଖା ଯାଇଛି। ଏଥି ନିମନ୍ତେ ସବୁ ବର୍ଷ ପରି ଆଜି ଏହି ବାରୁଣୀ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆଜି ରାତି ୨ ଟା ଠାରୁ ଭୋର ବୁଡ଼ ପକାଇବା ନିମନ୍ତେ ଶ୍ରଦ୍ଧାଳୁ ମାନଙ୍କର ଭିଡ ଜମିଥିଲା। ଭିଡ଼କୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସର ମଧ୍ୟ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ନେତୃବୃନ୍ଦ ଓ ସମାଜସେବୀଙ୍କ ପକ୍ଷରୁ ଜଳଛତ୍ର ଓ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଥିଲା। ଗତବର୍ଷ ଠାରୁ ଚଳିତବର୍ଷ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଘାଟରେ ଥିବା ପାଣ୍ଡବଙ୍କ ମନ୍ଦିର ପ୍ରାଙ୍ଗଣରେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ଉତ୍ସବ ମଧ୍ୟ ଜାରି ରହିଛି। ବାରୁଣୀ ମେଳାରେ ଜନସମାଗମକୁ ବିଶେଷ ଭାବେ ଦୋକାନ ବଜାର ବେଶ ଆକର୍ଷଣୀୟ କରିଛି। ବ୍ୟବସାୟୀ ଜାଗର ମେଳା ପରେ ବାରୁଣୀ ମେଳାକୁ ଅପେକ୍ଷା କରିଥାନ୍ତି। ଚଳିତ ବର୍ଷ ମଧ୍ୟ ଜନ ସମାଗମରେ ବ୍ୟବସାୟୀ ମଧ୍ୟ ବହୁତ ଖୁସି ଥିବା ଜଣାପଡ଼ିଛି। ଆସନ୍ତାକାଲି ମଧ୍ୟ ଏହି ବାରୁଣୀ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାର ସମ୍ଭାବନା କରାଯାଉଛି।

## ମହାବାରୁଣୀ ସ୍ନାନ

# ସମୁଦ୍ରରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ




ବସ୍ତା ବ୍ଲକ, ୬।୪ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ସମୁଦ୍ର କୂଳ ରେ ଶନିବାର ପବିତ୍ର ବାରୁଣୀ ସ୍ନାନ ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁ ସମୁଦ୍ରରେ ବୁଡ଼ ପକାଇ ଥିବା ଜଣା ପଡ଼ିଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କଷାଫଳ ସମୁଦ୍ର କୁଳ ଲୋକାରଣ୍ୟ ହୋଇ ଥିଲା। ବାଲେଶ୍ୱର ଜିଲ୍ଲା ସମେତ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ଥିଲା। ବାରୁଣୀ ସ୍ନାନରେ ସମୂଦ୍ର ରେ ବୁଡ଼ ପକାଇ ସୂର୍ଯ୍ୟଙ୍କୁ ପୂଜା କରିବାର ପ୍ରଥା ପରମ୍ପରା ବର୍ଷ ବର୍ଷ ଧରି ଚାଲି ଆସୁଥିବା ବାରୁଣୀ ସ୍ନାନରେ ଦେଖିବାକୁ ମିଳି ଥାଏ। ପୂର୍ବଦିନ ରାତିରୁ ଲୋକେ ସମୁଦ୍ର କୂଳରେ ପହଞ୍ଚି ସୂର୍ଯ୍ୟ ଉଦୟକୁ ଦେଖି ବାରୁଣୀ ସ୍ନାନ କରିଥାନ୍ତି। ଲୋକ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇ ଥିବା ଦେଖିବାକୁ ମିଳିଛି।

## ● କାଜାକସ୍ତାନ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜ-୨୦୨୪

# ସୋର ଝିଅ ହର୍ଷିତାଙ୍କୁ ମିଳିଲା ବ୍ରୋଞ୍ଜ

ସୋର, ୬।୪(ସମିସ): ଗତ ୨ ତାରିଖଠାରୁ ଆରମ୍ଭ ହୋଇ ଆଜି ୪ର୍ଥ ଦିନରେ କାଜାକସ୍ତାନ ଇଣ୍ଟରନେସନାଲ ଚ୍ୟାଲେଞ୍ଜ-୨୦୨୪ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଭାଗନେଇଥିବା ସୋରର ହର୍ଷିତା ରାଉତ ଏବଂ ପାର୍ଟନର କଟକର ଶ୍ରୁତି ସ୍ୱାଇଁ ମହିଳା ଯୋଡ଼ି ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ବ୍ୟାଡମିଣ୍ଟନ୍ ୱାର୍ଲ୍ଡ ଫେଡେରେସନ୍ ଦ୍ୱାରା ପରିଚାଳିତ ପଶ୍ଚିମ କାଜାକସ୍ତାନର ୟୁରାକ୍ସଠାରେ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଆଜି ସେମି ଫାଇନାଲରେ ହର୍ଷିତା ଏବଂ ଶ୍ରୁତି ଯୋଡ଼ି ୟୁକ୍ରେନର ପୋଲିନା ବୁହୋର୍ଭା ଏବଂ ୟଭେନିୟା କଣ୍ଟାମେରଙ୍କ ଠାରୁ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆସନ୍ତା କାଲି ଏହାର ଫାଇନାଲ ଖେଳ ଅନୁଷ୍ଠିତ ହେବ। ସୋର ବ୍ଲକ ନିଶ୍ଚନ୍ତପୁର ପଞ୍ଚାୟତ ହେଁସଗୁଡ଼ା ଗ୍ରାମର ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଦୀପ କୁମାର ରାଉତ ଏବଂ ଗୀତାଞ୍ଜଳିଙ୍କ ଝିଅ ହର୍ଷିତା ଭୁବନେଶ୍ୱର କେ.ଭି-୧ ରେ ପାଠପଢ଼ି ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟର ସ୍ନାତକ ପ୍ରଥମ ବର୍ଷର ଛାତ୍ରୀ। ୨୦୧୫ ମସିହାରେ ହର୍ଷିତା ପ୍ରଥମେ ର୍ୟାକେଟ୍ ଧରିବା ଆରମ୍ଭକରି ଖେଳପ୍ରତି ବିଶେଷ ଆଗ୍ରହ ପ୍ରକାଶ କଲେ। ଉଭୟ ହର୍ଷିତା ଏବଂ ଶ୍ରୁତି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ହୋଇଥିବା ବେଳେ ୨୦୧୯ ରେ ଓଡ଼ିଶା ସାଇ(ସ୍ପୋର୍ଟସ ଏକାଡେମୀ ଇଣ୍ଡିଆ) ଏକାଡେମୀରେ ତାଲିମ ଆରମ୍ଭ କରିଛନ୍ତି। ସାଇ ଏକାଡେମୀର ତଥା ନେସ୍‌ନାଲ କୋଚ ଦିଲ୍ଲୀପ ପଞ୍ଚତି ଏବଂ ଦିବେସ କୁମାରଙ୍କ ତତ୍ତ୍ୱାବଧାନରେ ୨୦୨୨ ମସିହାରେ ଅନୁଷ୍ଠିତ ଇଣ୍ଟର୍ ଜୋନ ଚାମ୍ପିଅନ୍‌ସିପ୍‌ରେ ରନର୍ସ ଅପ୍ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ସୋର ଅଞ୍ଚଳର କ୍ରୀଡ଼ାପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି।




# ଚନ୍ଦନେଶ୍ୱର ବଜାରରେ ଖାଦ୍ୟ ନିରାପତ୍ତା ବିଭାଗର ଯାଞ୍ଚ



ଚନ୍ଦନେଶ୍ୱର, ୬।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ବଜାରରେ ଆଜି ଶନିବାର ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଯାଞ୍ଚ କରାଯାଇଥିଲା। ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱରଙ୍କ ଚଡକ ମେଳା ଉପଲକ୍ଷେ ଲକ୍ଷାଧିକ ଜନସମାଗମ ଭିତରେ ଖାଦ୍ୟର ନିରାପତ୍ତା ବଜାୟ ରଖିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ବେହେରା ସ୍ଥାନୀୟ ତହସିଲଦାର ହିମାଂଶୁ ଶେଖର ଗିରିଙ୍କୁ ନେଇ ମନ୍ଦିର ନିକଟ ତଥା ବଜାରରେ ଯାଞ୍ଚ ପ୍ରକ୍ରିୟା ଚାଲୁ ରଖିଥିଲେ। ପାଖାପାଖି ୩୦ଟି ଦୋକାନର ଖାଦ୍ୟର ମାନ, ପ୍ରସ୍ତୁତି ପ୍ରଣାଳୀ ଓ କିପରି ସୁରକ୍ଷିତ ରଖାଯାଇଛି ତଦାରଖ କରାଯିବା ସହିତ ଦୋକାନର ଲାଇସେନ୍ସ ଯାଞ୍ଚ କରିଥିଲେ। ସେମାନଙ୍କର ଲାଇସେନ୍ସକୁ ବୋର୍ଡ ମାଧ୍ୟମରେ ପ୍ରଦର୍ଶିତ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ପୂର୍ବରୁ ଅଭିଯୋଗ ଥିବା ମନ୍ଦିରର ପ୍ରସାଦକୁ ମଧ୍ୟ ପରଖିଥିଲେ।

# ବିଜେପିର ପ୍ରତିଷ୍ଠା ଦିବସ ପାଳିତ



ନୀଳଗିରି, ୬।୪(ସମିସ): ଆଜି ଭାରତୀୟ ଜନତା ପାର୍ଟି ନୀଳଗିରି ପକ୍ଷରୁ ପାର୍ଟିର ୪୫ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପିର ଲୋକସଭା ପ୍ରାର୍ଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ଚନ୍ଦ୍ରବିନ୍ଦୁ ଦାସ, ପ୍ରବୀଣ ନାୟକ, ମନୋରଞ୍ଜନ ବେହେରା, ସମର ଶଙ୍କର କାନୁନଗୋ ବଳରାମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ଚନ୍ଦ୍ରଶେଖର ମହାଳିକ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆଜି

# ହୋଟେଲରେ ମିଳୁଛି ଅସ୍ୱାସ୍ଥ୍ୟକର ଖାଦ୍ୟ, ନିୟମିତ ଯାଞ୍ଚ ଦାବି

ବାହାନଗା, ୬।୪(ସମିସ) : ପ୍ରତିବର୍ଷ ଏପ୍ରିଲ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ କିପରି ସ୍ୱାସ୍ଥ୍ୟ ଯତ୍ନ ଉପରେ ସଚେତନ କରାଇବା। ଏମିତି କି ଲୋକଙ୍କ ସ୍ୱାସ୍ଥ୍ୟ କିଭଳି ଠିକ ରହିବ, ଲୋକ କିପରି ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ ସେଥି ନେଇ ଆରମ୍ଭ ହୋଇଥିଲା ବିଶ୍ୱ ସ୍ୱାସ୍ଥ୍ୟ ଦିବସ। ପ୍ରତିବର୍ଷ ଏହି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି ସତ ହେଲେ, ବିଭାଗୀୟ ଅଧିକାରୀ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଉନଥିବା ପରିଲକ୍ଷିତ ହେଉଛି। ଖବର ଅନୁସାରେ ବାଲେଶ୍ୱର ଜିଲ୍ଲାରେ ଛୋଟ ବଡ଼ କରି ଅନେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଗଢ଼ି ଉଠିଛି। ଏହି ହୋଟେଲ ମାନଙ୍କରେ ଗ୍ରାହକଙ୍କୁ ଦିଆଯାଉଥିବା ଖାଦ୍ୟ କେତେ ସ୍ୱାସ୍ଥ୍ୟ ଉପଯୋଗୀ ତାହା ଯାଞ୍ଚ କରିବା ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ ହାତରେ ନ୍ୟସ୍ତ




କରାଯାଇଛି। ଏଥିନିମନ୍ତେ ସରକାରୀ ଅଧିକାରୀ ମଧ୍ୟ ନିଯୁକ୍ତି ହୋଇଛନ୍ତି, ହେଲେ ସଠିକ ଯାଞ୍ଚ କରାନଯିବା କାରଣରୁ ହୋଟେଲରେ ବାସୀ ଖାଦ୍ୟ ସାଙ୍ଗକୁ ୧୦ ଦିନ ତଳର ମାଛ ମାଂସ ଏବଂ ମସଲାକୁ ବ୍ୟବହାର କରାଯାଉଛି। ଖାଦ୍ୟକୁ ସୁସ୍ୱାଦୁ କରିବା ପାଇଁ ବାସୀ ମାଛ ମାଂସରେ ମସଲା ଏବଂ ରଙ୍ଗ ପକାଇ ରୋଷେଇ କରାଯାଉଛି। ପାଟିକୁ ସ୍ୱାଦ ଲାଗୁଥିବା ଖାଦ୍ୟ ପ୍ରକୃତ ରେ କେତେ ସ୍ୱାସ୍ଥ୍ୟ ଅନୁପଯୋଗୀ ତାହା ସାଧାରଣ ଲୋକେ ଜାଣିପାରୁନାହାନ୍ତି। ଗ୍ରାହକଙ୍କୁ ବାସୀ ଖାଦ୍ୟ ଦେଇ ହୋଟେଲ ଏବଂ ଢ଼ାବା ମାଲିକ ମାଲେମାଲ ହେଉଥିବା ବେଳେ ସଚେତନତା ଅଭାବରୁ ଗ୍ରାହକ ରୋଗ ନେଇ ଘରକୁ ଫେରୁଛି। ସେପଟେ ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ସୁରକ୍ଷା ଅଧିକାରୀ ବାଲେଶ୍ୱରରେ ନିଯୁକ୍ତ ହୋଇଛନ୍ତି ସତ, ହେଲେ ନିୟମିତ ଚଢ଼ଉ ଏବଂ ଯାଞ୍ଚ କରୁନଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ଏ ବାବଦରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଖାଦ୍ୟ ସୁରକ୍ଷା ଅଧିକାରିଣୀ ଅନୁଶ୍ରୀ ଖଟୁଆଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ସମାଜସେବୀଙ୍କ ବିୟୋଗରେ ଶୋକ

ଜଳେଶ୍ୱର ବ୍ଲକ, ୬।୪ (ସମିସ): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଆରୁହା ଗ୍ରାମର ମନୋଜ କୁମାର ପତିଙ୍କ ବିୟୋଗରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପଣ୍ଡିତ ସ୍ୱର୍ଗତ ଭୋଳାନାଥ ପତିଙ୍କ ପୁତ୍ର ୫୪ ବର୍ଷର ପୁତ୍ର ମନୋଜ କୁମାର ପତି ଦୀର୍ଘ ଦିନ ଧରିଅସୁସ୍ଥ ଥିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ମେଳାପି ମଣିଷ ଥିବାରୁ ତାଙ୍କର ମୃତ୍ୟୁରେ ଆରୁହା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କର ଏକମାତ୍ର ପୁଅ ଦେବାଶିଷ ପତି ଓ ଝିଅ ଗୀତାଞ୍ଜଳି ପତି ଅଛନ୍ତି। ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ, ସମାଜ ସେବୀ ଶ୍ରୀକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ, ହରି ନାରାୟଣ ଦାସ ମହାପାତ୍ର, ନରହରି ଚରଣ ପତି, ପ୍ରଫୁଲ୍ଲ ବେହେରା, ନରୋତ୍ତମ ଚକ୍ରବର୍ତ୍ତୀ, ୱାର୍ଡ ମେମ୍ବର ଭାରତୀ ବାରିକ ପ୍ରମୁଖ ଉପସ୍ଥିତ ହୋଇ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ରାଶି ପ୍ରଦାନ କରିଥିଲେ। ଏକମାତ୍ର ପୁତ୍ର ଦେବାଶିଷ ପତି ମୁଖାଗ୍ନି ଦେଇଥିଲେ।

# କୁଳଡିହା ଅଭୟାରଣ୍ୟରେ ଅଗ୍ନିକାଣ୍ଡ

ନୀଳଗିରି, ୬।୪(ସମିସ): ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟରେ ଆଜି ନିଆଁ ଲାଗିଥିବାର ଦେଖିବାକୁ ମିଳିଛି। ଝରଣଘାଟି ବିଟ ହାଉସ ଅନ୍ତର୍ଗତ ଛତାହୁଡ଼ି ନିକଟରେ ନିଆଁ ବ୍ୟାପିବାରେ ଲାଗିଛି। ନିଆଁ ଲାଗିବା ଫଳରେ ଜଙ୍ଗଲରେ ଥିବା ମୂଲ୍ୟବାନ ଛୋଟ ଛୋଟ ଗଛ ଜଳି ପୋଡ଼ି ନଷ୍ଟ ହେଉଥିବା ସହିତ ସରୀସୃପଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ନିଆଁକୁ ଆୟତ ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଚନ୍ଦନେଶ୍ୱରଙ୍କ ଚଳନ୍ତି ବିଗ୍ରହ 'ଧ୍ୱଜ ବାଉଁଶ'

## ଏପ୍ରିଲ ୧୧ରେ ମହାନୀଳ ପର୍ବ ଓ ୧୨ରେ ପାଟପର୍ବ





ଚନ୍ଦନେଶ୍ୱର, ୬।୪ (ସମିସ):

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଠାରେ ଜଳଯନ୍ତ୍ର ଭାବେ ବିରାଜିତ ପୂର୍ବ ଭାରତ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମହାଦେବଙ୍କ ପବିତ୍ର ଚଡ଼କ ପର୍ବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶୁଭାରମ୍ଭ ହୋଇଯାଇଛି। ସୋମବାର ପ୍ରଥମ ଦିବସରେ ପାଟଭକ୍ତ ଓ ଦେଉଳିଆ ଭକ୍ତଙ୍କ ସମେତ ପ୍ରାୟ ୧୩ଜଣ ଭକ୍ତଙ୍କ ଉପବୀତ ଧାରଣ ସହ ବାବାଙ୍କ ଚଳନ୍ତି ବିଗ୍ରହ ଭାବେ ମାନ୍ୟ କରାଯାଉଥିବା ଧ୍ୱଜ ବାଉଁଶ ଛେଦନ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରସିଦ୍ଧ ଚଡ଼କ ପର୍ବର ଶୁଭାରମ୍ଭ ହୋଇଥିଲାବେଳେ ଆଜି ଶନିବାର ଚଡକ ପୂର୍ବରୁ ସପ୍ତମ ଅର୍ଘ୍ୟ ରୀତିନୀତି ଅନୁସାରେ ସମାପନ ହୋଇଛି। ଏହି ଅବସରରେ ଶହଶ୍ରାଧିକ ଭକ୍ତ ଉପବିତ ଧାରଣ କରିଛନ୍ତି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହିପର୍ବ ଅନୁଷ୍ଠିତ ହେବାକୁ ଥିବା ବେଳେ ଦୁଇ ଲକ୍ଷରୁ ଊକ୍ଷରୁ ଭକ୍ତ ଉପବୀତ ଧାରଣ କରିବେ। ଏହାସହିତ ଆସନ୍ତା ୧୧ ତାରିଖ ମହାନୀଳ ପର୍ବ ଓ ୧୩ ତାରିଖ ପାଟପର୍ବ ମୋଟ ଦୁଇ ଦିନରେ ୧୦ଲକ୍ଷରୁ ଊ୦ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଏହି ପବିତ୍ର ଚଡ଼କ ପର୍ବକୁ ନେଇ ସମଗ୍ର ଭୋଗରାଇ ବ୍ଲକ ଅଞ୍ଚଳରେ ଏକ ଅନନ୍ୟ ଆଧାରିକ ପରିବେଶ ସୃଷ୍ଟି ହୋଇଛି। ସୋମବାର ଶ୍ରୀ ଜୀଉଙ୍କ ରୁଦ୍ରାଭିଷେକ ସମ୍ପନ୍ନ ହେବା ପରେ 'ଧ୍ୱଜ ବାଉଁଶ' ଛେଦନ ପାଇଁ ମୌରସୀ ତପନ ପଣ୍ଡାଙ୍କୁ ଆଜ୍ଞାମାଳ"ମିଳିଥିଲା। ପରେ ପାଟଭକ୍ତ ହରିଶ ଚନ୍ଦ୍ର ସାହୁ, ଦେଉଳିଆ ଭକ୍ତ ହେମନ୍ତ ରାଉଳ, ଅଜିତ ପାତ୍ର, ଗୌତମ ସାହୁଙ୍କ ସହିତ ୧୩ଜଣ ସ୍ଥାୟୀ ଭକ୍ତ ଓ ଅନ୍ୟାନ୍ୟ ଭକ୍ତଙ୍କୁ ମିଶାଇ ସମୁଦାୟ ୫୦ଜଣ ଭକ୍ତ ଉପବୀତ ଧାରଣ କରିଥିଲେ। ପରେ ସମସ୍ତ ସେବାୟତ ଓ ଉପବୀତଧାରୀ ଭକ୍ତମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ବାଡଶରିଷା ଗ୍ରାମର ମୁରଲୀ ପ୍ରଧାନଙ୍କ ବାଉଁଶ ବାଡିରେ ପହଞ୍ଚିଥିଲେ। ସେଠାରେ ବିଧି ମୁତାବକ ପୂଜାର୍ଚ୍ଚନା ପରେ 'ଧ୍ୱଜ ବାଉଁଶ' ଛେଦନ ହୋଇଥିଲା। ଶ୍ରୀ ଜୀଉଙ୍କ 'ଚଳନ୍ତି ବିଗ୍ରହ' ସ୍ୱରୂପ ଏହି 'ଧ୍ୱଜ ବାଉଁଶ'କୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମନ୍ଦିରକୁ ନିଆଯାଇଥିଲା। ରାସ୍ତାରେ ହଜାର ହଜାର ଶ୍ରଦ୍ଧାଳୁ ଏହି 'ଧ୍ୱଜ ବାଉଁଶ'କୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ଭିଡ ଜମାଇଥିଲେ। ଶ୍ରୀଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ଚଳନ୍ତି ବିଗ୍ରହ ଏହି 'ଧ୍ୱଜ ବାଉଁଶ'କୁ ଦର୍ଶନ ଓ ସ୍ପର୍ଶ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଗଭୀର ବିଶ୍ୱାସ ରହିଛି। ଏହି 'ଧ୍ୱଜ ବାଉଁଶ' ଚନ୍ଦନେଶ୍ୱର ମହାଦେବ ଓ ମାତା କାମିନୀଙ୍କ ବିବାହ ସମୟର ସୁଦୃଶ୍ୟ ପାଲିଙ୍କିରେ ବ୍ୟବହାର ହୋଇଥାଏ। ଏହି ଧ୍ୱଜ ବାଉଁଶରେ ୧୦ ମହାବିଦ୍ୟା (କାଳୀ, ତାରା, ଭୁବନେଶ୍ୱରୀ, ବିଦ୍ୟା, ଷୋଡ଼ଶୀ, ଧୂମାବତୀ, ଭୈରବୀ, ମାନସୀ, ଛିନ୍ନମସ୍ତା ଓ ବଗଳାମୁଖୀ)ଙ୍କ ଚିତ୍ର ଶୋଭା ପାଇଥାଏ। ଏହି ଧ୍ୱଜ ବାଉଁଶକୁ ସ୍ୱଚକ୍ଷୁରେ ଦର୍ଶନ ପାଇଁ ସମସ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ତଥା ଆଧ୍ୟାତ୍ମିକ ଭାବାବେଗ ସୃଷ୍ଟି ହୋଇଥାଏ। ଶ୍ରୀ ଚନ୍ଦନେଶ୍ୱର ଜୀଉଙ୍କ ଏହି ଦିବ୍ୟ ସ୍ୱରୂପକୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଏହି ଦିନକୁ ଅପେକ୍ଷା କରି ରହିଥାନ୍ତି। ବାବା ଚନ୍ଦନେଶ୍ୱର ଜୀଉଙ୍କ ପବିତ୍ର ଚଡ଼କ ପର୍ବ ୧୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧୀନରେ ଏବଂ ଦେବତ୍ତୋର ବିଭାଗ ପରିଚାଳନାରେ ରହିଥିବା ଚନ୍ଦନେଶ୍ୱର ଶୈବପୀଠର ଏହି ପ୍ରସିଦ୍ଧ ଚଡ଼କ ପର୍ବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ନିମନ୍ତେ ବାଲେଶ୍ୱର ଜିଲ୍ଲା ଓ ଭୋଗରାଇ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ଏହି ପବିତ୍ର ଚଡ଼କ ପର୍ବ ଅବସରରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆସାମ, ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟର ଲକ୍ଷାଧିକ ଭକ୍ତ ନିର୍ଜଳା ଉପବାସ ରହି ଉପବୀତ ଧାରଣ କରୁଥିଲା ବେଳେ ଚଳିତ ବର୍ଷ 'ମହାନୀଳ ପର୍ବ' ଓ ପବିତ୍ର 'ପାଟପର୍ବ'ରେ ୧୦ଲକ୍ଷରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି।

